# ହସ୍ତତନ୍ତ ବୁଣାକାର ଭାଇ ଓ ଭଉଣୀ ମାନଙ୍କ ରୋଜଗାର ବୃଦ୍ଧି ବିଷୟରେ ପଦେ





ସଂଜୟ କୁମାର ପଣ୍ଡା, ଆଇଏଏସ୍

# ହସ୍ତତନ୍ତର ନିରନ୍ତର ପ୍ରଗତି


## ମୂଳମନ୍ତ୍ର

ହସ୍ତତନ୍ତ ଉନ୍ନତି ଏକ ପୂଜା ପରି, ଏହି ପୂଜାରେ **"ଗ୍ରାହକ"** ହେଉଛି **"ଭଗବାନ"** ଏବଂ **"ବଜାର"** ହେଉଛି **"ସ୍ୱର୍ଗ"** । ବଜାର ଚାହିଦା ।ନୁଯାୟୀ ଉତ୍ପାଦନ ହେଉଛି ପୂଜାର ମୂଳ ଅଧ୍ୟାୟ । ଏହି ଅଧ୍ୟାୟର ମୂଳମନ୍ତ୍ର **"ଗାୟତ୍ରୀ"** ହେଉଛି **"ନୂଆ ରଙ୍ଗ ତଥା ନୂଆ ଡିଜାଇନର ଗ୍ରାହକ ମନଲାଖି ତ୍ରୁଟିହୀନ ଲୁଗା ବୁଣିବା"** । **"ପ୍ରାଥମିକ ସମିତି"** ହେଉଛି ଏହି ପୂଜାର **"ମନ୍ଦିର"** ଏବଂ **"ପୂଜାରୀ"** ହେଉଛି **"ବୁଣାକାର"** ।

ଆଶା ଆଗାମି ଦିନରେ ଏହି ପୂଜା ସରକାର ତଥା କ୍ରେତା ଜନସାଧାରଣଙ୍କର ସାହାର୍ଯ୍ୟ ତଥା ସହାନୁଭୂତି ପାଇଁ ଦେଶର ଅଗ୍ରଗତିରେ ବିଶେଷ ସହାୟକ ହେବ ।

(ଓଡ଼ିଶା ହସ୍ତତନ୍ତ ଓ ବୟନଶିଳ୍ପର ପୂର୍ବତନ ନିର୍ଦ୍ଦେଶକ ସଞ୍ଜୟ କୁମାର ପଣ୍ଡା, ଆଇ ଏ ଏସ୍ ଙ୍କ ଦ୍ୱାରା ଜାନୁୟାରୀ ୧୯୯୪ ରେ ଓଡ଼ିଆ ଭାଷାରେ ଲେଖା ଯାଇଥିବା "ବୁଣାକାର ଭାଇ ଓ ଭଉଣୀ ମାନଙ୍କ ପାଇ ପଦେ" ରଚିତ ପୁସ୍ତକରୁ ଉଦ୍ଧୃତ)






# ହସ୍ତତନ୍ତ ବୁଣାକାର ଭାଇ ଓ ଭଉଣୀ ମାନଙ୍କ ରୋଜଗାର ବୃଦ୍ଧି ବିଷୟରେ ପଦେ

ସଞ୍ଜୟ କୁମାର ପଣ୍ଡା, ଆଇଏଏସ୍[1]

ଖାଦ୍ୟ ପରେ ବସ୍ତ୍ର ମଣିଷର ମୌଳିକ ଆବଶ୍ୟକତା ମଧ୍ୟରେ ଅନ୍ୟତମ । ସମୟ କ୍ରମରେ ବସ୍ତ୍ରର ପ୍ରବୃତ୍ତି ବଦଳିଚାଲିଛି । ଆଦିମ କାଳରୁ ଗଛ ( କପା, ଝୋଟ ଆଦି) ତଥା ପ୍ରାଣୀର ତନ୍ତୁ (ରେଶମ, ଉଲ୍ ଆଦି)ସୂତାରେ ହସ୍ତ ଚାଳିତ ତନ୍ତରେ ଲୁଗା ବୁଣା ହେଉଥିଲା । ପରବର୍ତୀ ସମୟରେ ଶିଳ୍ପର ପ୍ରଗତି, ପିନ୍ଧିବାର ଶୈଳୀ ତଥା ବଦଳୁଥିବା ଫ୍ୟାଶନ୍ ଶିଳ୍ପର ପ୍ରଗତି ସାଥିରେ ବସ୍ତ୍ରର ମାନ ଦ୍ରୁତ ପରିବର୍ତ୍ତନ ହୋଇଚାଲିଛି । ତନ୍ତୁର ପ୍ରକାର ଏବଂ ଗୁଣରେ ଅନେକ ଉନ୍ନତି ତଥା ପରିବର୍ତ୍ତନ ହୋଇଛି । ତା'ସତ୍ତ୍ୱେ ଓ ହସ୍ତତନ୍ତରେ ବୁଣାଲୁଗା ଏବେ ମଧ୍ୟ ଭାରତର ପ୍ରାଚୁର୍ଯ୍ୟମୟ ଐତିହ୍ୟ ଏବଂ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ନିଜର ପରିଚୟ ବଜାୟ ରଖିଛି ।

ଅନନ୍ୟ ରଙ୍ଗ, ମନଲୋଭା କାରିଗରୀ ଏବଂ ଡିଜାଇନ୍ ପାଇଁ ହାତ ତନ୍ତରେ ବୁଣା ଲୁଗା ଦେଶ ଭିତରେ ତଥା ବିଦେଶରେ ବର୍ଷ ବର୍ଷ ଧରି ଆଦୃତି ଲାଭ କରିଛି । ଭାରତରେ ପହଂଚିବା ପରେ ଇଂରେଜ ବଣିକମାନେ ଆମ ଦେଶର ହସ୍ତତନ୍ତ ଲୁଗାର ଗୁଣମାନ ଦେଖି ଇର୍ଷା ପରାୟଣ ହୋଇଥିଲେ ଏବଂ ତାଙ୍କ ଦେଶରେ ତିଆରି ଲୁଗା ବିକ୍ରୟ ନିମନ୍ତେ ଆମ ଦେଶର ହସ୍ତତନ୍ତ ଶିଳ୍ପକୁ ନଷ୍ଟ କରିବା ପାଇଁ ଚେଷ୍ଟା କରିଥିଲେ । ପରବର୍ତ୍ତୀ ସମୟରେ ପାୱାର ଲୁମ୍ (କଳ ତନ୍ତ)ରେ ବୁଣା ହେଉଥିବା ଲୁଗା ସହ ଦେଶର ହସ୍ତ ଚାଳିତ ତନ୍ତବସ୍ତ୍ରକୁ ପ୍ରତିଯୋଗୀତା କରିବାକୁ ପଡ଼ିଲା । ପାୱାରଲୁମ୍‌ରେ ବୁଣାଲୁଗା ହସ୍ତତନ୍ତରେ ବୁଣା ଲୁଗାଠାରୁ ଶସ୍ତା ହେଲା । ଫଳତଃ ସାଧାରଣ ଲୋକ କମ୍ ଦାମ୍ ଯୋଗୁଁ ପାୱାରଲୁମ୍ ଲୁଗାକୁ ପସନ୍ଦ କରିବାକୁ ଲାଗିଲେ । ସମୟକ୍ରମେ କମ୍ ଦାମ୍ ଯୋଗୁ ପାୱାର୍‌ଲୁମ୍‌ରେ ବୁଣା ଲୁଗା ବସ୍ତ୍ର ବଜାରର ଏକ ସିଂହଭାଗ ଦଖଲ କରିନେଲା । ତଥାପି ନିଜର ଗୁଣଗତମାନ

[1]ସଚିବ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର, ମତାମତ ବ୍ୟକ୍ତିଗତ, ଶ୍ରୀଯୁକ୍ତ ପଣ୍ଡା ୧୯୯୦ରୁ ୧୯୯୪ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶକ ଭାବେ ବୁଣାକାରମାନଙ୍କ ସେବା କରିଥିଲେ ।

ଏବଂ ଡିଜାଇନ୍ ଯୋଗୁଁ, ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନ ଏବଂ ପାୱାର ଲୁମ୍‌ର ଅଭ୍ୟୁତ୍‌ଥାନ ସତ୍ୱେ ଓ ହସ୍ତତନ୍ତ ବସ୍ତ୍ର ବଜାରରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ସ୍ୱାଧୀନତା ସଂଗ୍ରାମ ସମୟରେ ଜାତିର ପିତା ମହାତ୍ମା ଗାନ୍ଧି ଦେଶରେ ତିଆରି ଚରଖାରେ ବଳା ସୂତାରେ ହସ୍ତ ତନ୍ତରେ ବୁଣା ସ୍ୱଦେଶୀ ଖଦୀ କପଡ଼ା ପିନ୍ଧିବା ଉପରେ ଗୁରୁତ୍ୱ ଦେଇଥିଲେ। ଫଳତଃ ଏହା ଆମ ଦେଶରେ ସ୍ୱାଧୀନତା ଆନ୍ଦୋଳନର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ପରିଗଣିତ ହୋଇଥିଲା। ଅଧୁନା ଏକ ବିଂଶ ଶତାବ୍ଦୀରେ ଏହି ଦୃଶ୍ୟପଟ୍ଟ ବଦଳି ଯାଇଛି । ଭାରତୀୟ ବସ୍ତ୍ର ଶିଳ୍ପ ବିଶ୍ୱ ବସ୍ତ୍ର ବଜାରର ଏକ ପ୍ରମୁଖ ଅଂଶୀଦାର ଭାବେ ପରିଗଣିତ ହୋଇଅଛି। ବର୍ତମାନ ଭାରତର ବସ୍ତ୍ର, ପୋଷାକ ତଥା ଫ୍ୟାଶନ୍ ସମ୍ଭାର ସାରା ବିଶ୍ୱରେ ପ୍ରାଧାନ୍ୟ ତଥା ସମ୍ମାନ ପାଇଅଛି। ଏହି ବଦଳିଥିବା ପରିପ୍ରେକ୍ଷୀରେ, ହସ୍ତତନ୍ତରେ ବୁଣା ଲୁଗା ପାୱାର୍‌ଲୁମ୍ ତଥା ମିଲ୍‌ରେ ତିଆରି ଲୁଗା ସହ ଏକା ସାଙ୍ଗରେ ବଜାରରେ ବିକ୍ରୀ ହେଉଛି। ବୁଣାକାର ଭାଇ ଭଉଣୀ ମାନଙ୍କୁ ଏହି ପରିସ୍ତିତିକୁ ହୃଦୟଙ୍ଗମ କରି ଆଗେଇବାକୁ ପଡ଼ିବ। ଏହା ନିଃସନ୍ଦେହଯେ, ବଜାରରେ ମିଳୁଥିବା କପଡ଼ା ମଧ୍ୟରୁ କେଉଁ କପଡ଼ା ଗ୍ରାହକ କିଣିବ, ତାହା ସମ୍ପୂର୍ଣ୍ଣ ଭାବେ ଗ୍ରାହକ ଉପରେ ନିର୍ଭର କରେ। ଗ୍ରାହକ ଲୁଗାର ଗୁଣ, ମାନ, ଡିଜାଇନ୍ ତଥା ଦାମ୍‌କୁ ବିଚାର କରି କେଉଁ ଲୁଗା କିଣିବ ତାହା ଠିକ୍ କରିଥାଏ। ଏହି ବାସ୍ତବତାକୁ ସମ୍ମୁଖୀନ ହେବା ପାଇଁ ଗ୍ରାହକର ପସନ୍ଦ ଅନୁଯାୟୀ, ଉଚ୍ଚମାନର କପଡ଼ା ବୁଣିବା ହିଁ ବଜାରରେ ତିଷ୍ଠି ରହିବାର ଏକମାତ୍ର ଉପାୟ।

ଦେଶର ଗାଁ ଗହଳରେ ରହୁଥିବା ଲକ୍ଷ ଲକ୍ଷ ହସ୍ତତନ୍ତ ବୁଣାକାରଙ୍କୁ ହସ୍ତତନ୍ତ ଶିଳ୍ପ କର୍ମସଂସ୍ଥାନ ଯୋଗାଉଛି। ତା' ସଙ୍ଗେସଙ୍ଗେ ଏହି ଶିଳ୍ପ ଦେଶ ତଥା ରାଜ୍ୟର ମୋଟ ଉତ୍ପାଦନର ଗୋଟିଏ ବଡ଼ ଅଂଶ ଦେଉଅଛି ତଥା ଦେଶର ପ୍ରାଚୀନ ପରମ୍ପରା,ସଂସ୍କୃତି, ଐତିହ୍ୟର ନିରନ୍ତର ପ୍ରତୀକ ଭାବେ ପରିଚିତ ହେଉଛି। ତା ବ୍ୟତୀତ ପରୋକ୍ଷଭାବେ ହସ୍ତତନ୍ତ ଶିଳ୍ପ ଦେଶର ବିଜୁଳି ଓ କୋଇଲା ଆଦି ଅନ୍ୟ ବିରଳ ସମ୍ପଦ ଉପରେ ନିର୍ଭର କରେ ନାହିଁ, ଫଳତଃ କମ୍ ଅଙ୍ଗାରକାମ୍ଳ ନିର୍ଗତ କରେ। ପରିବେଶ ନିର୍ମଳ ରଖିବାରେ, ହସ୍ତତନ୍ତ ଶିଳ୍ପ ବିଶେଷ ସହାୟକ ହୋଇଥାଏ। ଗାଁ ଗହଳରେ କର୍ମ ସଂସ୍ଥାନ ଯୋଗାଇ ହସ୍ତତନ୍ତ ଶିଳ୍ପ ଦ୍ରୁତ



ସହରୀକରଣକୁ ରୋକିବାରେ ସାହାଯ୍ୟ କରିଥାଏ। ତଦୋପରି ସାମାଜିକ ତଥା ଅର୍ଥନୈତିକ ଦିଗରୁ ହସ୍ତତନ୍ତ ଶିଳ୍ପ ମହିଳା, ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗ ଲୋକମାନଙ୍କ ଅର୍ଥନୈତିକ ପ୍ରଗତିରେ ବିଶେଷଭାବେ ସହାୟତା କରିଥାଏ।

ଅତି ସହଜରେ ନୂଆ ରଙ୍ଗ ଏବଂ ନୂଆ ଡିଜାଇନ୍‌ର ଲୁଗା ବୁଣିବା ହେଉଛି ହସ୍ତତନ୍ତର ସବୁଠୁ ବଡ଼ ଶକ୍ତି। ସୂତାର ରଙ୍ଗ ସାମାନ୍ୟ ବଦଳାଇ, ଜଣେ ଦକ୍ଷ ହସ୍ତତନ୍ତ ବୁଣାକାର, ବୁଣିଥିବା ଲୁଗାର ଡ଼ିଜାଇନ ଅନାୟସରେ ବଦଳାଇ ଦିଏ, ଫଳତଃ ବୁଣାକାର ଅତି ସହଜରେ ବୁଣିଥିବା ପ୍ରତ୍ୟେକ ଲୁଗା ଏକ ଠାରୁ ବଳି ଏକ ସୁନ୍ଦର ଓ ମନୋରମ ହୋଇଥାଏ। ଅନ୍ୟପକ୍ଷରେ ପାୱାରଲୁମ୍ ବା ମେସିନ୍‌ଚାଳିତ ତନ୍ତରେ ବୁଣା ସମସ୍ତ ଲୁଗା ପ୍ରାୟତଃ ଏକା ପ୍ରକାର ହୋଇଥାଏ। ନୂଆ ଡିଜାଇନ୍ ଏବଂ ନୂଆ ରଙ୍ଗ ସହ ହାତରେ ବୁଣା ଲୁଗା ଜାତୀୟ ଏବଂ ଆନ୍ତର୍ଜାତିକ ବିଶ୍ୱ ବଜାରରେ ନିଜର ଉତ୍କୃଷ୍ଟତା ପାଇଁ ଅନନ୍ୟ ପରିଚୟ ସୃଷ୍ଟି କରେ। ହସ୍ତତନ୍ତରେ ବୁଣା ଲୁଗା ପିନ୍ଧିଥିବା ବ୍ୟକ୍ତି ସ୍ଥାନ, କାଳ ପାତ୍ର ନିର୍ବିଶେଷରେ ବିଶ୍ୱର ଯେ କୌଣସି ସ୍ଥାନରେ ନିଜକୁ ଭାରତୀୟ ଭାବେ ଚିହ୍ନିତ କରିଥାଏ।

ଏହି ଅର୍ନ୍ତନିହିତ ଶକ୍ତି ଉପରେ ନିର୍ଭର କରି ହସ୍ତତନ୍ତ ଶିଳ୍ପକୁ ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରରେ ତିଷ୍ଟିବାକୁ ହେଲେ ଧନୀ ଶ୍ରେଣୀର ଗ୍ରାହକଙ୍କୁ ଆକୃଷ୍ଟ କରିବା ଉପରେ ସବିଶେଷ ଗୁରୁତ୍ୱ ଦେବାକୁ ହେବ। ହସ୍ତତନ୍ତ ଶିଳ୍ପକୁ ନିଜର ଗୁଣବତ୍ତା ଉପରେ ଜୋରଦେଇ ବଜାରରେ ପ୍ରତିଷ୍ଠା ହେବାକୁ ପଡ଼ିବ। ଗ୍ରାହକଙ୍କ ପସନ୍ଦ ତଥା ରୁଚିକୁ ଲକ୍ଷ୍ୟ ରଖି ଉଚ୍ଚ ମାନ ତଥା ଗ୍ରାହକଙ୍କ ମନଲାଖି ତ୍ରୁଟି ବିହୀନ ନୂଆ ଡିଜାଇନ୍‌ର ଲୁଗା ବୁଣିବାକୁ ପଡ଼ିବ। କମ୍ ଡିଜାଇନ୍ ଏବଂ କମ୍ ଦାମ୍‌ର ଲୁଗାର ଚାହିଦା ଘରୋଇ ତଥା ସ୍ଥାନୀୟ ବଜାରରେ ରହିଚି, ଯାହା ଉପରେ ମଧ ଦୃଷ୍ଟି ଦେବାକୁ ହେବ।

ସାଧାରଣ ଗ୍ରାହକ ହସ୍ତତନ୍ତରେ ତିଆରି ଲୁଗା ସହ ପାୱାର୍‌ଲୁମ୍‌ରେ ବୁଣା ଲୁଗାକୁ ତୁଳନା କରିଥାଏ। ହସ୍ତତନ୍ତରେ ବୁଣା ହୋଇଥିବା ସାଧାରଣ ଲୁଗାକୁ ପାୱାରଲୁମ୍ ସହ ବେଶ୍ ପ୍ରତିଦ୍ୱିନ୍ଦିତାର ସମ୍ମୁଖୀନ ହେବାକୁ ପଡ଼ିଥାଏ। କାରଣ ସାଧାରଣ ଗ୍ରାହକ ହସ୍ତତନ୍ତ ଓ ମେସିନ୍ ତନ୍ତରେ ବୁଣାହୋଇଥିବା ଲୁଗା ମଧରେ

ଥିବା ପାର୍ଥକ୍ୟ ଜାଣିପାରେ ନାହିଁ। ସେହି ଦୃଷ୍ଟିରୁ ହସ୍ତତନ୍ତରେ ଉତ୍ତମ ଗୁଣବତ୍ତା, ତ୍ରୁଟି ବିହୀନ, ନୂଆ ଡିଜାଇନ୍‌ର ଲୁଗା ବୁଣିବା ଆବଶ୍ୟକ; ଯାହାକି ଅଧିକ ଖର୍ଚ୍ଚ କରିପାରୁଥିବା ଧନୀ ଗ୍ରାହକଙ୍କୁ ଆକୃଷ୍ଟ କରିପାରିବ। ହସ୍ତ ତନ୍ତର ପୁନରୁଦ୍ଧାର ଓ ପ୍ରସାର ପାଇଁ ଏହି ବାସ୍ତବତାକୁ ହୃଦୟଙ୍ଗମ କରି ନିଜକୁ ସମୟ ସହ ବଦଳାଇବା ଅପରିହାର୍ଯ୍ୟ ଏବଂ ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଦେଶ ସାଧୀନ ହେବା ପରେ ରାଜ୍ୟ ଓ କେନ୍ଦ୍ର ସରକାର ହସ୍ତ ତନ୍ତର ପ୍ରସାର ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ବୁଣାକାରମାନଙ୍କ ରୋଜଗାର ବୃଦ୍ଧି ତଥା ସେମାନଙ୍କ ଜୀବନଧାରଣର ମାନରେ ଅଭିବୃଦ୍ଧି ପାଇଁ ସରକାର ଅନେକ ଯୋଜନା ଚଳାଇଛନ୍ତି। ଏହି ସବୁ ପଦକ୍ଷେପକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା ବୈଧାନିକ ଏବଂ ଉନ୍ନୟନ ମୂଳକ । ବୈଧାନିକ ବ୍ୟବସ୍ଥାରେ ହସ୍ତତନ୍ତ ବୁଣାକାରଙ୍କ ପାଇଁ ଆବଶ୍ୟକୀୟ ସୂତା ଯୋଗାଇବାର ବ୍ୟବସ୍ଥା କରାଯାଇଛି। ସୂତା କଳମାନଙ୍କୁ ହସ୍ତତନ୍ତରେ ବ୍ୟବହାର ହେଉଥିବା ହ୍ୟାଙ୍କ ଆକାରରେ ସୂତା ତିଆରି କରି ବୁଣାକାରମାନଙ୍କୁ ଯୋଗାଇଦେବାକୁ ଆଇନଗତ ବ୍ୟବସ୍ଥା କରାଯାଇଛି। ଏଥି ସହ କିଛି ଧରଣର ଲୁଗା କେବଳ ହସ୍ତତନ୍ତରେ ବୁଣହେବା ପାଇଁ ଆରକ୍ଷଣ କରାଯାଇଅଛି। ଅନ୍ୟ ଦିଗରେ ହସ୍ତତନ୍ତ ଓ ବୁଣାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବୟନ ମନ୍ତ୍ରଣାଳୟଙ୍କ ହସ୍ତତନ୍ତ ଉନ୍ନୟନ କମିଶନର ଏବଂ ରାଜ୍ୟସରକାରଙ୍କ ସମ୍ପୃକ୍ତ ବିଭାଗ ଦ୍ୱାରା ବୁଣାକାରଙ୍କ ଆବଶ୍ୟକତା ଅନୁଯାୟୀ ତନ୍ତ, ତନ୍ତ ସାମଗ୍ରୀ, ସୂତା, କଞ୍ଚାମାଲ, ପ୍ରଶିକ୍ଷଣ, ଡିଜାଇନ୍, ତଥା ବୁଣାଯାଉଥିବା ଲୁଗାର ବିକ୍ରୀ ବ୍ୟବସ୍ଥା ଆଦି ନିମନ୍ତେ ବିଭିନ୍ନ ଯୋଜନା ଚାଲୁ କରାଯାଇଛି। ବୁଣାକାରମାନଙ୍କ ଉନ୍ନତି ସହ ଜଡ଼ିତ ଲକ୍ଷ୍ୟ ହାସଲ ପାଇଁ ପ୍ରଚଳିତ ସରକାରୀ ନୀତି ଓ ଯୋଜନାର ସମୀକ୍ଷା କ୍ରମେ ବିହୀତ ପଦକ୍ଷପ ନିଆଯାଉଅଛି।

ହସ୍ତତନ୍ତକୁ କଳତନ୍ତ ସହ ପ୍ରତି ଦ୍ୱନ୍ଦିତାରୁ ସୁରକ୍ଷିତ କରିବା ନିମନ୍ତେ କିଛି ପ୍ରକାରର ଲୁଗା କେବଳ ହସ୍ତତନ୍ତରେ ବୁଣିବା ନିମନ୍ତେ ଆଇନତଃ ସଂରକ୍ଷଣ କରାଯାଇ ଅଛି। ତଥା ହସ୍ତତନ୍ତରେ ବୁଣା ଲୁଗା ବିକ୍ରୀ ନିମନ୍ତେ ବଜାର ସୃଷ୍ଟି କରିବା ବ୍ୟବସ୍ଥାର ଉନ୍ନତି ଆବଶ୍ୟକ। ବୁଣାକାର ମାନଙ୍କୁ ଉଚିତ୍ ମୂଲ୍ୟରେ ଓ



ଠିକ୍ ସମୟରେ ଆବଶ୍ୟକତା ଅନୁଯାୟୀ ସୂତା, ରଙ୍ଗ ଆଦି ଯୋଗାଇବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟକ୍ରମଗୁଡ଼ିକର ସୂଚାରୁରୂପେ ପରିଚାଳନା ନିମନ୍ତେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସଂପୃକ୍ତ କର୍ମଚାରୀ ମାନେ ବିହିତ ପଦକ୍ଷେପ ନେବା ଅତି ଆବଶ୍ୟକ।

ନୂଆ ପ୍ରକାରର ଡିଜାଇନ୍, ରଙ୍ଗ ଏବଂ ତ୍ରୁଟିହୀନ ଲୁଗା ବୁଣିବା ପାଇଁ ଆବଶ୍ୟକୀୟ ବୈଷୟିକ ସହାୟତା ଦେବା ପାଇଁ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ଅଧିନରେ ଦେଶର ବିଭିନ୍ନ ସ୍ଥାନରେ ୨୭ଟି <u>ବୁଣାକାର ସେବା କେନ୍ଦ୍ର ଖୋଲା ଯାଇଛି</u>। ତଦୋପରି ତାଲିମ୍‌ପ୍ରାପ୍ତ ମାନବ ସମ୍ବଳ ଯୋଗାଇ ଦେବା ପାଇଁ ବାରଣାସୀ, ଗୌହାଟୀ, ଯୋଧପୁର, ସାଲେମ୍, ବରଗଡ଼ ( ଓଡ଼ିଶା) ଏବଂ ଶାନ୍ତିପୁରଠାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ <u>ହାଣ୍ଡଲୁମ୍ ଟେକ୍ନୋଲୋଜିରେ</u> ହସ୍ତତନ୍ତ ଆଧାରିତ ବିଶେଷ ଡିପ୍ଲୋମା ପାଠ୍ୟକ୍ରମ ଚାଲୁ କରାଯାଉଛି। ଏହି ବ୍ୟବସ୍ଥାକୁ ବୁଣାକାର ଏବଂ ହସ୍ତତନ୍ତ ପାଇଁ ଅଧିକ ଉପଯୋଗୀ କରିବା ପାଇଁ ନୂତନ ଜ୍ଞାନ କୌଶଳ, ଫ୍ୟାଶନ ପ୍ରଯୁକ୍ତି, ହିସାବ ରଖିବା (ଏକାଉଂଟିଙ୍ଗ୍), ବିଜ୍‌ନେସ୍ ମ୍ୟାନେଜ୍‌ମେଂଟ ଆଦି ବିଷୟ ଏହି ପାଠ୍ୟକ୍ରମରେ ବିଶେଷଭାବେ ଯୋଗ କରିବାକୁ ପଦକ୍ଷେପ ନିଆଯାଉଅଛି।

ହସ୍ତତନ୍ତର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ମଧ୍ୟରେ ସେମାନଙ୍କୁ <u>ବୁଣାକାର ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ସଂଗଠିତ</u> କରି ବଜାର ଚାହିଦା ଅନୁଯାୟୀ କଂଚାମାଲ, ଋଣ ତଥା ବିକ୍ରୀର ବ୍ୟବସ୍ଥା ଯୋଗାଇବା ଅନ୍ୟତମ। ଗ୍ରାମ ତଥା ବ୍ଲକ୍ ସ୍ତରର ପ୍ରାଥମିକ ବୁଣାକାର ସମବାୟ ସମିତିଗୁଡ଼ିକୁ ରାଜ୍ୟ ସ୍ତରରେ ସଂଗଠିତ କରି ଶୀର୍ଷ ବୁଣାକାର ସମବାୟ ସମିତି (ଆପେକ୍ସ ସୋସାଇଟି) ଗଠନ କରାଯାଇଅଛି। ସମବାୟ ସମିତି ପରିସର ବାହାରେ କାମ କରୁଥିବା ବୁଣାକାରଙ୍କୁ ସହାୟତା କରିବା ପାଇଁ କେତେକ ରାଜ୍ୟରେ ହସ୍ତତନ୍ତ ଉନ୍ନୟନ ନିଗମ ମଧ୍ୟ ଗଠନ କରାଯାଇଥିଲା। ଏହା ବ୍ୟତୀତ ବେସରକାରୀ ବ୍ୟବସାୟିକ ସଂସ୍ଥାଗୁଡ଼ିକ ମଧ୍ୟ ବୁଣାକାରଙ୍କ ବୁଣା ଲୁଗା ବିକ୍ରୀବଟା କରୁଛନ୍ତି। ସାଧୀନତା ପରେ ଶୀର୍ଷ ବୁଣାକାର ସମବାୟ ସମିତି ତଥା ହସ୍ତତନ୍ତ ଉନ୍ନୟନ ନିଗମ, ହସ୍ତତନ୍ତ ପ୍ରୋତ୍ସାହାନ ପାଇଁ ବିଶେଷ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ସମୟକ୍ରମେ ଶୀର୍ଷ

ସମିତି ଏବଂ ହସ୍ତତନ୍ତ ନିଗମ ଅନେକ କ୍ଷେତ୍ରରେ ଅତିମାତ୍ରାରେ କର୍ମଚାରୀ ନିଯୁକ୍ତ କରି ସେହି କର୍ମଚାରୀମାନଙ୍କ ବେତନଭାରରେ ଭାଙ୍ଗି ପଡ଼ିଲେ। ସରକାରୀ ସାହାଯ୍ୟ ପାଇ ମଧ୍ୟ ପରିଚାଳନାଗତ ତ୍ରୁଟିଯୋଗୁଁ ଏହି ସଂସ୍ଥାଗୁଡ଼ିକ ବୁଣାକାରଙ୍କ ସେବା କରି ତାଙ୍କର ବୁଣା ଲୁଗାକୁ ବଜାରରେ କ୍ରମାଗତ ଭାବେ ବିକ୍ରୀ କରି ବୁଣାକାରଙ୍କ ଆୟ ବଢ଼ାଇବାରେ ସକ୍ଷମ ହୋଇପାରିଲେ ନାହିଁ। ଫଳତଃ ଶୀର୍ଷ ସମିତି ଏବଂ ନିଗମର ବିକଳ୍ପ ଖୋଜିବା ଆବଶ୍ୟକ ହୋଇପଡ଼ିଛି। ଇତି ମଧ୍ୟରେ ଅନ୍ୟଦୁଇଟି ବଡ଼ ପରିବର୍ତ୍ତନ ଆସିଛି। ଏକ ଦିଗରେ ବୁଣାକାରଙ୍କ ପରିବାରର ପିଲାମାନେ ଉଚ୍ଚଶିକ୍ଷା ଲାଭ କରିଛନ୍ତି। ଅପର ପକ୍ଷରେ ଇଂଟରନେଟ୍ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟାର ବିକାଶ ଓ ପ୍ରୟୋଗ ହେତୁ ଯୋଗାଯୋଗ କ୍ଷେତ୍ରରେ ପ୍ରଭୂତ ପରିବର୍ତ୍ତନ ହୋଇଛି । ବିଶେଷ କରି ବୁଣାକାର ରହୁଥିବା ଗାଁ ଏବଂ ବିକ୍ରୀର ବଜାର ସହର ମଧ୍ୟରେ ଦୂରତା ହ୍ରାସ ପାଇଛି। ଆଇଟି ଭିତିକ ପ୍ରଶାସନିକ ସେବା ବ୍ୟବସ୍ଥା ତଥା ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଜନ ଧନ ଯୋଜନା' ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଶଶକ୍ତ କରିବାରେ ଏକ ଯୁଗାନ୍ତକାରୀ ସୋପାନ ଖୋଲିଛି। ଅଧୁନା ହସ୍ତତନ୍ତ ବୁଣାକାର ମାନଙ୍କୁ ଏହି ସବୁ ପ୍ରକଳ୍ପର ବିଶେଷ ଲାଭ ଉଠାଇବା ନିମନ୍ତେ ଆଗେଇ ଆସିବାକୁ ପଡ଼ିବ ଯାହାଫଳରେ ଆର୍ଥିକ ଋଣ ପାଇବା ଏବଂ ବୁଣିଥିବା ଲୁଗା ବିକ୍ରୀ କରିବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ।

ତନ୍ତଥିବା ପ୍ରତ୍ୟେକ ବୁଣାକାର ଗୋଟିଏ ଗୋଟିଏ ଉତ୍ପାଦନ କେନ୍ଦ୍ର ତେବେ ବଜାରର ଚାହିଦା ଅନୁସାରେ ନୂଆ ଡିଜାଇନ୍ ଏବଂ ତ୍ରୁଟିହୀନ ଲୁଗା ବୁଣିବା ନିମନ୍ତେ ୧୦୦ କିମ୍ବା ତାଠୁ ଅଧିକ ବୁଣାକାରଙ୍କୁ ଏକତ୍ରିତ ହୋଇ କାମ କରିବା ଆବଶ୍ୟକ। ପ୍ରଚଳିତ ରୁଚି ତଥା ଫ୍ୟାଶନ ଅନୁଯାୟୀ ଦାମୀ ବସ୍ତ୍ର ଉତ୍ପାଦନ କରିବା ପାଇଁ ଏହା ବିଶେଷ ଆବଶ୍ୟକ। ଏଥିପାଇଁ ହସ୍ତତନ୍ତ ବୁଣାକାର ବହୁଳ ଅଂଚଳରେ ଥିବା ଗୋଷ୍ଠୀ ଉନ୍ନୟନ ସଂସ୍ଥା ବା ବ୍ଲକ୍‌କୁ ଭିତିକରି ଗୋଟିଏ ଲେଖାଏଁ କ୍ଲଷ୍ଟର ଗଠନ କରିବା ଆବଶ୍ୟକ। ଯେଉଁ ବ୍ଲକ୍‌ରେ ଅଧିକ ସଂଖ୍ୟାରେ ବୁଣାକାର କାମ କରୁଛନ୍ତି, ଆବଶ୍ୟକତା ଅନୁସାରେ ସେଠାରେ ଏକାଧିକ କ୍ଲଷ୍ଟର ମଧ୍ୟ ଗଠନ କରାଯାଇପାରେ।



ଏହାକୁ ଆଖିରେ ରଖି ରାଜ୍ୟ ସରକାରଙ୍କ ସହ ପରାମର୍ଶ କ୍ରମେ ପ୍ରତି ବ୍ଲକ୍‌ରେ ଏକ କମନ୍ ଫାସିଲିଟି ସେଂଟର (ସିଏଫ୍‌ସି) ଖୋଲିବା କାର୍ଯ୍ୟକ୍ରମ ବୟନଶିଳ୍ପ ମନ୍ତ୍ରାଳୟ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି। ପ୍ରତି ସିଏଫ୍‌ସିରେ ଆବଶ୍ୟକୀୟ ଭିତ୍ତିଭୂମି ଯଥା କଂଚାମାଲ ଓ ଉତ୍ପାଦିତ କପଡ଼ା ରଖିବା ପାଇଁ ଗୋଦାମ ଘର, ତଥା ବ୍ୟବସାୟ ପାଇଁ ଏକ ଅଫିସ ଘର ତିଆରି ପାଇଁ ବ୍ୟବସ୍ଥା କରାଯାଉଅଛି। ଏହି ଅଫିସ ଘରେ ଇଂଟରନେଟ୍ ସଂଯୋଗର ସୁବିଧା ବିଶେଷଭାବେ ରହିବ। ଯାହାଫଳରେ ଇଂଟରନେଟ୍ ମାଧ୍ୟମରେ ବଜାର ସହ ଯୋଗାଯୋଗ, 'ଜନଧନ ଯୋଜନା' ମାଧ୍ୟମରେ ବ୍ୟାଙ୍କରୁ ଋଣ ନେବା, ଟଙ୍କା ରଖିବା, ଉଠାଇବା, ଆଦି ସକଳ ସୁବିଧା ବୁଣାକାରମାନେ ପାଇପାରିବେ। ଏତଦ୍ ବ୍ୟତୀତ ପ୍ରତ୍ୟେକ ସିଏଫ୍‌ସିରେ ଶୌଚାଳୟ ସହ ଗୋଟିଏ ବିଶ୍ରାମଘରର, ବ୍ୟବସ୍ଥା ରହିବ। ଫଳତଃ ସହରାଂଚଳରୁ ଆସିଥିବା ଫ୍ୟାଶନ୍ ଡିଜାଇନର, ବଡ଼ ଲୁଗା ବେପାରୀମାନେ ସେହି ଯାଗାରେ ଆବଶ୍ୟକତା ଅନୁଯାୟୀ ଦିନେ ଦୁଇଦିନ ରହି ପାରିବେ। ଏହି ସ୍ଥାନରେ ଲୁଗା ବୁଣିବାର ନୂତନ କୌଶଳ, ରଙ୍ଗ କରିବାର ପଦ୍ଧତି, ନୂଆ ରଙ୍ଗ, ନୂଆ ଡିଜାଇନ୍‌ରେ ପ୍ରଶିକ୍ଷଣ ବ୍ୟବସ୍ଥା ଏବଂ ଏକା ସାଥିରେ ବେଶୀ ଲୁଗା ପାଇଁ ଟାଣୀ ଆଦି କରିବା ପାଇଁ ୱାରପିଙ୍ଗ୍ ଡ୍ରମ୍ ଆଦିର ବ୍ୟବସ୍ଥା ରହିବ। ଏହି ବ୍ୟବସ୍ଥା ସ୍ଥାନୀୟ ବୁଣାକାର ଭାଇ ଭଉଣୀ ମାନଙ୍କ ପାଇଁ ଅନାୟସରେ ବେଶୀ ପରିମାଣରେ ନୂଆ ରଙ୍ଗ ଓ ଡିଜାଇନ୍‌ର ତ୍ରୁଟିହୀନ ଲୁଗା ବୁଣିବାରେ ବିଶେଷଭାବେ ସହାୟକ ହେବ। ଏହି ସ୍ଥାନରେ ପରିବେଶର ସୁରକ୍ଷା ନିମନ୍ତେ ରଙ୍ଗ କେମିକାଲ୍ ଆଦି ଆବର୍ଜନାର ପରିଶୋଧନ ନିମନ୍ତେ ବିହୀତ ବ୍ୟବସ୍ଥା ରହିବ। ଆବଶ୍ୟକୀୟ ଜଳ ଯୋଗାଣ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ବ୍ଲକ୍‌ସ୍ତରରେ କାର୍ଯ୍ୟ କରୁଥିବା ବୁଣାକାର ପ୍ରାଥମିକ ସମବାୟ ସମିତିକୁ ଏଥି ନିମନ୍ତେ ଆବଶ୍ୟକୀୟ ସହାୟତା ଦିଆଯାଇ ଏହି ବ୍ୟବସ୍ଥାରେ ସାମିଲ କରାଯିବ। ଯେଉଁଠାରେ ବୁଣାକାର ପ୍ରାଥମିକ ସମିତି ନାହିଁ, ସେଠାରେ ସଂପୃକ୍ତ ଗ୍ରାମ ପଂଚାୟତ, ରାଜ୍ୟ ସରକାର ଅଥବା କୌଣସି ଦାତାଙ୍କୁ ଆବଶ୍ୟକୀୟ ଜମି ବିନାମୂଲ୍ୟରେ ଯୋଗାଇ ଦେବାକୁଅନୁରୋଧ କରାଯିବ। ସେହି ଜମିରେ ଏପରି କେନ୍ଦ୍ର ଖୋଲିବାର ବ୍ୟବସ୍ଥା କରାଯିବ। ଏହି ସେଣ୍ଟରକୁ ପ୍ରାଥମିକ ବୁଣାକାର

ସମିତି ଅଥବା ପଂଜୀକୃତ ସ୍ୱୟଂ ସହାୟକ ଗୋଷ୍ଠୀ ଚଳାଇବ, ବୁଣାକାର ପରିବାରର ଶିକ୍ଷିତ ଯୁବକ ଯୁବତୀଙ୍କୁ ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ କରାଯିବ। କାରିଗରୀ କୌଶଳ ଦେବା ପାଇଁ ପ୍ରତି ସେଂଟରରେ ଜଣେ ଲେଖାଏଁ ହସ୍ତତନ୍ତ ଡିପ୍ଲୋମାଧାରୀଙ୍କୁ ଏବଂ ପ୍ରଶାସନିକ କାମ ପାଇଁ ଜଣେ ସ୍ଥାନୀୟ ସେବା ନିବୃତ୍ତ ସୈନିକଙ୍କୁ ରଖାଯିବ। ଏହା ସହ ରାଜ୍ୟ ହସ୍ତତନ୍ତ ବିଭାଗ ଏବଂ ସ୍ଥାନୀୟ ବୁଣାକାର ସେବା କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଏବଂ ଅଫିସରମାନେ ମଧ ବୁଣାକାର ମାନଙ୍କୁ ଏହି ସେଣ୍ଟରେ ଆବଶ୍ୟକୀୟ ବୈଷୟିକ ସହାୟତା ପ୍ରଦାନ କରିବେ।

ହସ୍ତତନ୍ତ ଲୁଗା ବିକ୍ରୀ କ୍ଷେତ୍ରରେ ସ୍ଥାନୀୟ ମାଷ୍ଟର ବୁଣାକାରମାନେ ବ୍ୟକ୍ତିଗତଭାବେ ବ୍ୟବସାୟ ଚଳାଇ ଆସୁଛନ୍ତି। ସମୟ ସମୟରେ ମାଷ୍ଟର ବୁଣାକାରମାନେ ବୁଣାକାରଙ୍କୁ ବୁଣିଥିବା ଲୁଗା ପାଇଁ ଅପେକ୍ଷା କୃତ କମ୍ ମଜୁରୀ ଦେଇ ନିଜେ ଲାଭର ସିଂହଭାଗ ରଖିବାର ଅଭିଯୋଗ ଆସୁଛି। ଏହି ପରିସ୍ଥିତିର ସମାଧାନ କରିବା ପାଇଁ, ବୁଣାକାର ଭାଇ ଓ ଭଉଣୀମାନେ ନିଜ ନିଜ ଘରେ ସରକାରୀ ସହାୟତା ନେଇ ତନ୍ତ ଲଗାଇ ନିଜେ ଉତ୍ପାଦନ ଓ ବିକ୍ରୀ କରିବାକୁ ଆଗେଇ ଆସିବା ଦରକାର। ଫଳତଃ ସେମାନେ ନିଜ ଇଚ୍ଛା ଅନୁସାରେ ଲୁଗା ବୁଣିବା ଏବଂ ବିକ୍ରୀ କରିବାର ସ୍ୱାଧୀନତା ପାଇବେ। ଯାହାକି ସେମାନଙ୍କ ଆୟ ବଢ଼ାଇବାରେ ବିଶେଷଭାବେ ସହାୟକ ହେବ।

ହସ୍ତତନ୍ତ ଏକ କୁଟୀରଶିଳ୍ପ। ଏହି ଶିଳ୍ପରେ ଯୁଗଯୁଗ ଧରି ବୁଣାକାର ଭଉଣୀମାନେଏକ ଗୁରୁଭୂମିକା ଗ୍ରହଣ କରି ଆସିଛନ୍ତି। ନିଜର ପାରିବାରିକ ଦାୟିତ୍ୱ ଯଥା ରୋଷେଇ କରିବା, ପିଲାମାନଙ୍କର ଯତ୍ନ, ଘର ସଫା ଓ ଅନ୍ୟାନ୍ୟ କାମ ସହ ଭଉଣୀମାନେ ତନ୍ତରେ ଅନାୟାସରେ ଲୁଗା ବୁଣି ପାରିବେ। ଫଳତଃ ସେମାନଙ୍କର ଆୟ ବଢ଼ିବ ଏବଂ ପରିବାରର ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ଇଚ୍ଛୁକ ବୁଣାକାର ଭଉଣୀମାନେ ଏହି କାମକୁ ବ୍ୟବସାୟିକ ଢଙ୍ଗରେ କରିବା ପାଇଁ ସରକାରୀ ଯୋଜନାର ଲାଭ ନେବା ପାଇଁ ଆଗେଇ ଆସିବା ଦରକାର। ଏହା ଗ୍ରାମାଂଚଳର ମହିଳାମାନଙ୍କୁ ଭଲ ରୋଜଗାର ଦେଇ ନିଜ ପରିବାର ଉନ୍ନତି ସହ ନିଜ ଗାଁ, ରାଜ୍ୟ ତଥା ଦେଶର ଅର୍ଥନୈତିକ ଅଗ୍ରଗତିରେ ବିଶେଷଭାବେ ସହାୟକ ହେବ ଏବଂ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ସାକାର କରିବ।



ଆବଶ୍ୟକତା ଅନୁସାରେ ତନ୍ତଶାଳ ତିଆରି କରିବା, ତନ୍ତ ଏବଂ ଉପକରଣ କିଣିବା ପାଇଁ ସରକାରୀ ଯୋଜନାରେ ସାହାଯ୍ୟ ଦିଆଯାଉଛି। ଏବେ ଅନୁମୋଦିତ ସହାୟତା ଟଙ୍କା ସିଧା ସଳଖ ସଂପୃକ୍ତ ବୁଣାକାର ଭାଇ ଭଉଣୀଙ୍କ ବ୍ୟାଙ୍କ ଏକାଉଂଟରେ ଜମା କରିବାର ବିଶେଷ ଉଦ୍ୟମ ନିଆଯାଉଅଛି। ଏହା ଫଳରେ ବୁଣାକାରମାନେ ନିଜ ଇଚ୍ଛାରେ ଆବଶ୍ୟକୀୟ ଉପକରଣ କିଣିପାରିବେ। ସଂପୃକ୍ତ ବ୍ୟାଙ୍କରୁ ଆବଶ୍ୟକତା ଅନୁସାରେ ଋଣ ( ଲୋନ୍) ମଧ୍ୟ ଉଠାଇପାରିବେ ଏବଂ ବ୍ୟାଙ୍କ ଏକାଉଂଟରେ ବିକ୍ରୀ ଲୁଗାର ଧନରାଶି ମଧ୍ୟ ସିଧାସଳଖ ଗ୍ରାହକଙ୍କଠାରୁ ପାଇପାରିବେ। ଏଥିନିମନ୍ତେ ସଂପୃକ୍ତ ବୁଣାକାର ଭାଇଭଉଣୀ ଆଗେଇ ଆସିବା ଦରକାର। ଆବଶ୍ୟକତା ଅନୁଯାୟୀ ବୁଣାକାରମାନେ, ବୁଣାକାର ସେବା ସମିତି ଓ ରାଜ୍ୟ ସରକାରଙ୍କ ସଂପୃକ୍ତ ଅଧିକାରୀଙ୍କ ସହାୟତା ନେଇ ପାରିବେ।

ବୁଣାକାରଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପୂର୍ବ ପ୍ରଚଳିତ ବୁଣାକାର କଲ୍ୟାଣକାରୀ ଯୋଜାନାକୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା(RSBY) ଢାଂଚାରେ ସଂଶୋଧନ କରାଯାଉଅଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟକୁ ଏଥିନିମନ୍ତେ ଅନୁରୋଧ କରାଯାଇଅଛି। ଅଧିକନ୍ତୁ ଗତ ୯ ମଇରେ ଆରମ୍ଭ କରାଯାଇଥିବା 'ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା' ଏବଂ 'ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା'ରେ ବୁଣାକାରମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରେ।

ଆବଶ୍ୟକତା ଅନୁସାରେ ଠିକ୍ ସମୟରେ ଋଣ ପାଇବା ହେଉଛି ବୁଣାକାରଙ୍କ ଅନ୍ୟ ଏକ ବିଶେଷ ଆବଶ୍ୟକତା। ଯେଉଁ ବୁଣାକାର ଭାଇଭଉଣୀମାନେ ସମବାୟ ସମିତି ମାଧମରେ କାମ କରୁଛନ୍ତି ସେମାନଙ୍କୁ ସଂପୃକ୍ତ ପ୍ରାଥମିକ ସମବାୟ ସମିତି ଏବଂ ସମବାୟ ବ୍ୟାଙ୍କ ମାଧ୍ୟମରେ ଋଣ ଦେବାର ବ୍ୟବସ୍ଥା ରହିଛି। ବୁଣାକାର ସମବାୟ ସମିତିଗୁଡ଼ିକୁ ସ୍ୱଳ୍ପ ସୁଧରେ କାର୍ଯ୍ୟକାରୀ ଋଣ ବା ୱାର୍କିଂ କ୍ୟାପିଟାଲ ଯୋଗାଇବା ପାଇଁ କେନ୍ଦ୍ର ସରକାର, ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ଼) ଏବଂ ରାଜ୍ୟ ସରକାରମାନଙ୍କ ମାଧ୍ୟମରେ ଏକ

ବିଶେଷ ଯୋଜନା ପ୍ରଣୟନ କରିଛନ୍ତି । ତଥା ଯେଉଁ ବୁଣାକାରମାନେ ବୁଣାକାର ସମବାୟ ସମିତି ପରିସରଭୁକ୍ତ ନୁହନ୍ତି ସେମାନଙ୍କୁ ଆବଶ୍ୟକୀୟ ଋଣ ଯୋଗାଇଦେବା ପାଇଁ, ବୁଣାକାର କ୍ରେଡିଟ୍ କାର୍ଡ଼ ପଦାନ କରାଯାଉ ଅଛି । ବ୍ୟସାୟିକ ବ୍ୟାଙ୍କରୁ ବୁଣାକାରମାନେ ଲୋନ୍‌ର ସୁବିଧା ନେଇପାରିବେ ତଥା ପ୍ରଧାନମନ୍ତ୍ରୀଙ୍କ 'ଜନଧନ ଯୋଜାନା'ରେ ମଧ୍ୟ ବିଶେଷ ସୁବିଧା ସହ ବ୍ୟାଙ୍କ ଖାତା ଖୋଲିବାର ଲାଭ ବୁଣାକାରମାନେ ନେଇପାରିବେ । ଏହାଫଳରେ ବୁଣାକାରମାନେ ସିଧା ସଳଖ ବୁଣାକାର କ୍ରେଡିଟ୍ କାର୍ଡ଼ରେ ଇଂଟର୍‌ନେଟ୍ ପ୍ଲାଟଫର୍ମ ମାଧ୍ୟମରେ ଋଣ ତଥା ବ୍ୟବସାୟ କରିପାରିବେ । ଥରେ ବଜାର ଚାହିଦା ଅନୁସାରେ ବୁଣାକାରମାନେ ଲୁଗା ବୁଣା ଆରମ୍ଭ କଲେ ଏବଂ ତାହାକୁ ଠିକଣା ସମୟରେ ଠିକ୍ ଯାଗାରେ ଓ ଠିକ୍ ଦାମ୍‌ରେ ବିକ୍ରୀ କରିପାରିଲେ ବ୍ୟାଙ୍କରୁ ନେଇଥିବା ଋଣ ଟଙ୍କାକୁ ପରିଶୋଧ କରି କ୍ରମାଗତ ଭାବେ ବ୍ୟାଙ୍କ ପରି ସେବାର ପୁରାପୁରି ଲାଭ ଉଠାଇପାରିବେ । ଏହା ହସ୍ତତନ୍ତଶିଳ୍ପର ଉନ୍ନୟନ ତଥା ବୁଣାକାର ଭାଇ ଭଉଣୀମାନଙ୍କ ଆୟ ବୃଦ୍ଧିରେ ବିଶେଷଭାବେ ସହାୟକ ହେବ ।

ଓଡ଼ିଆରେ ଗୋଟିଏ କଥା ଅଛି 'ମାଗିଆଣିବା ତିଅଣ ସୁଡ଼ୁକାଏ', ଏହାର ଅର୍ଥ ହେଲା ନିଜେ ନରାନ୍ଧିଲେ କେହି ମନ ମୁତାବକ ଦିନ ଦିନ ଧରି ଖାଇପାରିବ ନାହିଁ । ପର ଘରୁ ମାଗି କେହି ନିଜେ ସ୍ୱାବଲମ୍ବୀ ହୋଇପାରିବେ ନାହିଁ । ଠିକ୍ ସେହିପରି ସରକାରୀ ଅନୁଦାନ ଉପରେ ପୁରା ନିର୍ଭର ନକରି ବଜାର ଚାହିଦା ଅନୁଯାୟୀ ଲୁଗାବୁଣି ବ୍ୟାଙ୍କରୁ ଲୋନ୍ ନେଇ ପରିଶୋଧ କରି ପୁଣି ଲୋନ୍ ନେଇ ନିଜର ବ୍ୟବସାୟକୁ ବଡ଼ କରିବାହିଁ ବୁଣାକାରଙ୍କ ହିତ ଏବଂ ଉନ୍ନତିର ଏକମାତ୍ର ପନ୍ଥା ।

ସମ୍ମିଳିତ ଭାବେ ହସ୍ତତନ୍ତର ବିକାଶ ପାଇଁ ସଠିକ୍ ତଥ୍ୟ ନିହାତି ଜରୁରୀ । ଏହି କ୍ରମରେ ୨୦୧୦ ମସିହାରେ ତୃତୀୟ ଥର ପାଇଁ ହସ୍ତତନ୍ତ ଗଣନା ସମ୍ପନ୍ନ କରାଯାଇଛି । ଏହି ଗଣନାରୁ ମିଳୁଥିବା ସୂଚନାକୁ ସମୟ ଅନୁସାରେ ମାର୍ଜନା କରିବାର କାମ ଆରମ୍ଭ କରାଯାଇଅଛି । ଏଥି ନିମନ୍ତେ ବୁଣାକାରଙ୍କ ବ୍ୟକ୍ତିଗତ ବିବରଣୀ ଯଥା ବୁଣାକାର ଓ ତାଙ୍କ ପରିବାର ବିଷୟର ତଥ୍ୟ, ଆଧାର କାର୍ଡ଼ ନମ୍ବର, ବ୍ୟାଙ୍କ ଆକାଉଂଟ ନମ୍ବର ଆଦି, ଦାରିଦ୍ର୍ୟ ସୀମାରେଖାତଳେ ରହିଥିବା ବିଷୟରେ ଆର୍ଥିକ ବିବରଣୀ ତଥା ପ୍ରତ୍ୟେକ ବୁଣାକାର ବୁଣୁଥିବା ଏବଂ



ବୁଣିପାରିବା ବସ୍ତ୍ରର ବିଷୟରେ ସବିଶେଷ ବିବରଣୀ ସଂଗ୍ରହ କରି ଏହି ତଥ୍ୟକୁ କମ୍ପ୍ୟୁଟରୀ କରଣ ଏବଂ ୱେବ୍ ସାଇଟ୍‌ରେ ରଖାଯିବାର କାମ ହାତକୁ ନିଆଯାଇଛି । ଲୁଗା ବ୍ୟବସାୟୀ, ଅଧିକ ପରିମାଣରେ ବସ୍ତ୍ର କିଣୁଥିବା ଫ୍ୟାଶନ୍ ଡିଜାଇନର ଏବଂ କ୍ରେତାମାନେ ଏହି ତଥ୍ୟ ଉପରେ ଭିତ୍ତି କରି ବୁଣାକାରଙ୍କୁ ନିଜର ଚାହିଦା ଅନୁଯାୟୀ ଲୁଗା କରିବାକୁ ଡିଜାଇନ୍ ଓ ରଙ୍ଗ ସହ ସିଧା ସଳଖ ଅର୍ଡ଼ର ଦେଇପାରିବେ । ନୂତନ କାର୍ଯ୍ୟ କୌଶଳ ଟେକ୍ନୋଲୋଜି, ଇଂଟରନେଟର ସାହାଯ୍ୟ ନେଇ ହସ୍ତତନ୍ତ ଶିଳ୍ପକୁ ଯୁଗୋପଯୋଗୀ କରିବାରେ ଏହି ପଦକ୍ଷେପ ସହାୟକ ହେବ ଏବଂ ବୁଣାକାରଙ୍କ ଆୟ ବଢ଼ାଇବାରେ ବିଶେଷ ସହାୟକ ହେବ । ବିଗତ ଦଶନ୍ଧିରେ ବୁଣାକାର ପରିବାରରେ ଶିକ୍ଷାର ପ୍ରସାର ଘଟିଛି । ଏବେ ବୁଣାକାର ପରିବାରର ଅନେକ ସଦସ୍ୟ ଯୁବକ ଯୁବତୀ ମାନେ ସ୍ନାତକ ଏବଂ ସ୍ନାତକୋତର ହୋଇ ନୂତନ ବ୍ୟବସାୟ ଆରମ୍ଭ କରୁଛନ୍ତି । ଏହି ଶିକ୍ଷିତ ଯୁବକ ଯୁବତୀମାନେ ବଜାରର ଚାହିଦା ମୁତାବକ ହସ୍ତତନ୍ତବସ୍ତ୍ର ଉତ୍ପାଦନ ଓ ବିକ୍ରୀ ବୃତି ଆକାରରେ ନେଇ ସଫଳ ଉଦ୍ୟୋଗୀ ହୋଇପାରିବେ । ଏଥିନିମନ୍ତେ ସଂପୃକ୍ତ ଯୁବକ, ଯୁବତୀମାନେ ଜାତୀୟ ପଛୁଆ ବର୍ଗ ତଥା ସଂଖ୍ୟାଲଘୁ ଆର୍ଥିକ ଉନ୍ନୟନ କର୍ପୋରେସନ୍‌ଠାରୁ କମ୍ ଦରରେ ଋଣ ତଥା ଅନ୍ୟାନ୍ୟ ସହାୟତା ପାଇପାରିବେ । ଏହି କର୍ପୋରେସନ୍ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ସଂଖ୍ୟାଲଘୁ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଏଜେନ୍ସୀ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ କମ୍ ସୁଧରେ ଦେଉଛନ୍ତି । ବ୍ୟବସାୟିକ ବ୍ୟାଙ୍କ ଗୁଡ଼ିକ ମଧ୍ୟ ଏହିପରି ଋଣ ଓ ସହାୟତା ଦେଉଛନ୍ତି, ଯାହାର ସୁବିଧା ବୁଣାକାର ପରିବାରର ଯୁବକ ଯୁବତୀ ମାନେ ନେଇ ପାରିବେ ।

ନୂଆ ରଙ୍ଗ ଓ ଡିଜାଇନ୍‌ର ଉନ୍ନତ ମାନର ତ୍ରୁଟିହୀନ ଲୁଗା ବୁଣିବା ପାଇଁ ଆବଶ୍ୟକୀୟ କଂଚାମାଲ ଯଥା ଉଚ୍ଚମାନର ରେଶମ ତଥା କପା, ସୂତା, ରଙ୍ଗ, କେମିକାଲ, ତନ୍ତ ଏବଂ ତନ୍ତ ଉପକରଣ ଆବଶ୍ୟକ । ସେଥିପାଇଁ ସରକାରଙ୍କ ପକ୍ଷରୁ ହସ୍ତତନ୍ତ ବୁଣାକାରମାନଙ୍କୁ ତନ୍ତରେ ବ୍ୟବହୃତ ହ୍ୟାଙ୍କ୍ ୟାର୍ନ ପ୍ରସ୍ତୁତ କରିବା ପାଇଁ ସୂତାକଳମାନଙ୍କୁ ଆଇନଗତ ନିର୍ଦ୍ଦେଶ ଦିଆଯାଇଅଛି । ଏତଦ୍‌ବ୍ୟତୀତ

ବୁଣାକାରମାନଙ୍କୁ ଉନ୍ନତମାନର ସୂତା, ରଙ୍ଗ, କେମିକାଲ ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କ ଅଧୀନରେ 'ଜାତୀୟ ହସ୍ତତନ୍ତ ଉନ୍ନୟନ ନିଗମ' (ଏନ୍‌ଏଚ୍‌ଡିସି) ନାମରେ ଏକ ବିଶେଷ ନିଗମ ଗଢ଼ା ଯାଇଛି। ମିଲ୍‌ଗେଟ୍ ପ୍ରାଇସ୍ ସ୍କିମ୍ (ଏମ୍‌ଜିପିଏସ୍) ଯୋଜନାରେ ବିଶେଷ ରିହାତି ଦେଇ ତଥା କମ୍ ଦାମ୍‌ରେ ସୂତା ଓ କଂଚାମାଲ ଯୋଗାଇବାର ବ୍ୟବସ୍ଥା ରହିଛି। ରାଜ୍ୟସ୍ତରୀୟ ନିଗମ ଓ ଜାତୀୟ ନିଗମର ଶାଖା କାର୍ଯ୍ୟାଳୟରୁ ଏହି ସୁବିଧା ପାଇବା ପାଇଁ ବୁଣାକାରମାନେ ଆଗେଇ ଆସିବା ଉଚିତ। ବୁଣାକାରଙ୍କ ସୁବିଧା ପାଇଁ ଜାତୀୟ ନିଗମର ଅଫିସ ବୁଣାକାର ସେବା କେନ୍ଦ୍ରରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଅଛି।

ପ୍ରତ୍ୟେକ ବୁଣାକାର ବହୁଳ ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ବର୍ଷକ ପାଇଁ ଏବଂ ପ୍ରତି ତିନିମାସ ପାଇଁ ଆବଶ୍ୟକୀୟ ସୂତା, ରଙ୍ଗ ଆଦିର ଖସଡ଼ା ପ୍ରସ୍ତୁତ କରି ଏଥି ଅନୁସାରେ ସୂତା, ରଙ୍ଗ ଆଦି ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ବିଶେଷଭାବେ ଅନୁରୋଧ କରାଯାଇଛି। ବୁଣାକାର ତଥା ପ୍ରାଥମିକ ସମିତିମାନେ ଏଥିନିମନ୍ତେ ଆଗେଇ ଆସିଲେ କଂଚାମାଲ ଯୋଗାଣ ବ୍ୟବସ୍ଥାର ଉନ୍ନତି କରାଯାଇପାରିବ। ଜାତୀୟ ନିଗମ (ଏନ୍‌ଏଚ୍‌ଡିସି)କୁ ଏହି ଖସଡ଼ା ଅନୁଯାୟୀ ରାଜ୍ୟ ସରକାରଙ୍କ ସଂସ୍ଥା ତଥା ପ୍ରାଥମିକ ସମିତିକୁ ସିଧାସଳଖ ଆବଶ୍ୟକୀୟ ସୂତା, ରଙ୍ଗ ଆଦି ଯୋଗାଇଦେବାକୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଅଛି।

ଆବଶ୍ୟକତା ଅନୁଯାୟୀ ବୁଣାକାରଙ୍କୁ ରଙ୍ଗ କରିବା, ବୁଣିବା, ନୂଆ ନୂଆ ଡିଜାଇନ୍ ସୃଷ୍ଟି ଆଦି ବିଷୟରେ ତାଲିମ ଦେବା ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଏଥିନିମନ୍ତେ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ଅଧୀନରେ ଥିବା ସମସ୍ତ ବୁଣାକାର ସେବା କେନ୍ଦ୍ରଗୁଡ଼ିକୁ ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯାଉଅଛି। ରାଜ୍ୟ ସରକାରଙ୍କ ବୟନଶିଳ୍ପ ନିର୍ଦ୍ଦେଶାଳୟକୁ ମଧ୍ୟ ଯଥା ବିଧି ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଅଛି। ବୁଣାକାରମାନଙ୍କ ଗାଁରେ ଏବଂ କମନ୍ ଫାସିଲିଟି ସେଣ୍ଟରରେ ପ୍ରଶିକ୍ଷଣ ବ୍ୟବସ୍ଥା କରି ଏହାକୁ ଅଧିକ ଉପଯୋଗୀ କରିବାକୁ ପଦକ୍ଷେପ ନିଆଯାଉଛି। ବୁଣାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ଏବଂ ସେମାନଙ୍କର କାମକୁ ସ୍ୱୀକୃତି ଦେବା ପାଇଁ ଜାତୀୟ ପୁରସ୍କାର ଓ ସନ୍ଥ



କବୀର ପୁରସ୍କାର ଦେବାର ବ୍ୟବସ୍ଥା କରାଯାଇଅଛି। ପୁରସ୍କାରପ୍ରାପ୍ତ ବୁଣାକାରମାନଙ୍କୁ ନୂଆ ପୀଢ଼ିର ଯୁବକ, ଯୁବତୀଙ୍କୁ କୌଶଳ ପ୍ରଦାନ କରିବା ପାଇଁ ଗୁରୁ ହିସାବରେ ପ୍ରଶିକ୍ଷଣ କାମରେ ମଧ୍ୟ ଯୋଗଦାନ କରାଯାଇପାରିବ। ଫଳତଃ ହସ୍ତତନ୍ତ ଲୁଗାର ପୁରୁଣା କାରିଗରୀ କୌଶଳ ପୁନର୍ଜୀବିତ ହୋଇପାରବ।

ବୁଣାକାରଙ୍କ ଆୟବୃଦ୍ଧିକୁ ଲକ୍ଷ୍ୟ କରି ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଉପଦେଶ କ୍ରମେ ହସ୍ତତନ୍ତକୁ ଫ୍ୟାଶନ୍ ତଥା ପର୍ଯ୍ୟଟନ ଶିଳ୍ପ ସହ ଯୋଡ଼ିବା ଲାଗି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି। ଏହିକ୍ରମରେ ସାରା ଦେଶରେ ଥିବା ଜାତୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି (ନିଫ୍‌ଟ) ର ୧୫ଟି ଯାକ କ୍ୟାମ୍ପସ୍‌ର ଛାତ୍ରଛାତ୍ରୀ ତଥା ଅଧ୍ୟାପକଙ୍କୁ ବଜାର ଚାହିଦା ଅନୁସାରେ ନୂଆ ନୂଆ ଡିଜାଇନ୍ ପ୍ରସ୍ତୁତ ପାଇଁ ବୁଣାକାର ମାନଙ୍କୁ ସାହାଯ୍ୟ କରିବା କାମ ଆରମ୍ଭ ହୋଇଛି। ଏହିକ୍ରମରେ ଗତ ଜାନୁୟାର ମାସ ୨୨ ତାରିଖ ୨୦୧୫ ଦିନ ଭୁବନେଶ୍ୱରସ୍ଥିତ ନିଫ୍ଟରେ ଓଡ଼ିଶାର ମାନନୀୟ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀଙ୍କ ଦ୍ୱାରା ଏକ ଜାତୀୟ କର୍ମଶାଳା ଉଦ୍‌ଘାଟନ କରାଯାଇଥିଲା। ଓଡ଼ିଶାର ବୁଣାକାର ତଥା ସାରା ଦେଶରେ କର୍ମରତ ନିଫ୍ଟର ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ ଦେଶର ନାମୀ ଫ୍ୟାସନ ଡ଼ିଜାଇନର ମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଚାହିଦା ଅନୁସାରେ ନୂଆ ନୂଆ ଡିଜାଇନ୍‌ର ଫ୍ୟାସନ ସହ ଯୁକ୍ତ ହସ୍ତତନ୍ତ ବସ୍ତ୍ର ବୁଣିବା ଏକାନ୍ତ ବାଞ୍ଛନୀୟ। ବିଦେଶ ତଥା ଦେଶର ନାନା ସ୍ଥାନରୁ ଆସୁଥିବା ପର୍ଯ୍ୟଟକମାନଙ୍କ ଚାହିଦାକୁ ଲକ୍ଷରଖିଲେ, ହସ୍ତତନ୍ତ ବସ୍ତ୍ର ବିକ୍ରୀ କ୍ଷେତ୍ରରେ ବିଶେଷ ଲାଭଦାୟକ ହୋପାରିବ।

ହସ୍ତତନ୍ତର ଉନ୍ନତି ଓ ବୁଣାକାର ଆୟବୃଦ୍ଧିର ଅସଲ ଚାବିକାଠି ହେଲା ନିଜର ଗୁଣବତାକୁ ଆଧାର କରି ହସ୍ତତନ୍ତରେ ବସ୍ତ୍ର ତିଆରି କରିବା ଯାହା କଳତନ୍ତରେ ବୁଣା ଲୁଗାଠାରୁ ଅନନ୍ୟ ହୋଇପାରିବ । ବଜାର ଚାହିଦା ଅନୁଯାୟୀ ବୁଣାକାରମାନଙ୍କୁ ବୁଣୁଥିବା ଲୁଗାର ମାନ ତଥା ଡିଜାଇନ୍ ପରିବର୍ତ୍ତନ କରି ବଜାରରେ ନିଜର ସ୍ଥିତି ବଜାୟ ରଖିବାକୁ ପଡ଼ିବ। ପ୍ରତ୍ୟେକ ବୁଣାକାର ଜଣେ କଳାକାର। ହସ୍ତତନ୍ତ ଶିଳ୍ପକୁ ନିଜର ଐତିହ୍ୟ ଓ ପରମ୍ପରାସହ ବଜାର ଅଭିମୁଖୀ

ହେବାକୁ ଚେଷ୍ଟା କରିବାକୁ ପଡ଼ିବ। ହସ୍ତତନ୍ତର ଭିତରେ ରହିଥିବା ଅନ୍ତର୍ନିହିତ ଶକ୍ତିକୁ ବିକାଶ କରି କଳ ତନ୍ତ ତିଆରି ଲୁଗା ସହ ପ୍ରତିଦ୍ୱନ୍ଦ୍ୱିତା କରି ବଜାରରେ ନିଜର ସ୍ଥିତିକୁ ବଜାୟ ରଖିବାକୁ ବୁଣାକାର ଭାଇଭଉଣୀମାନେ ଆଗେଇ ଆସିବାକୁ ହେବ।

ଏହା ଉଲ୍ଲେଖ ଯୋଗ୍ୟଯେ, ଅନେକ ଘରୋଇ ଉଦ୍ୟୋଗ ଯଥା ଗୁଡ୍ ଆର୍ଥ, ବିବା, ସାଉଥ୍ ହାଣ୍ଡଲୁମ୍, ସୁନ୍ଦରୀ ସିଲ୍କ, ଅଙ୍ଗାଡ଼ି ସିଲ୍କ ଆଦି ହସ୍ତତନ୍ତ ଲୁଗା ଉତ୍ପାଦନ ଓ ବିକ୍ରୀ ପାଇଁ ଉଦ୍ୟମ ନେଇଛନ୍ତି। ଅଧିକ ଆୟ କରୁଥିବା ଧନୀ ଗ୍ରାହକଙ୍କ ରୁଚି ଉପରେ ଭିତିକରି ଏହି ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡ଼ିକ ବିଶେଷ ସଫଳତା ପାଇଛନ୍ତି। ବୁଣାକାରମାନେ ଏହିଭଳି ବଜାରରେ ପ୍ରତିଷ୍ଠିତ ନାମୀ ସଂସ୍ଥା ସହ ଇଂଟରନେଟ୍ ମାଧ୍ୟମରେ ସିଧା ସଳଖ ଯୋଗାଯୋଗ କରିପାରିବେ। ଯାହାକି ତାଙ୍କର ଲୁଗା ବିକ୍ରୀ ଏବଂ ଆୟ ବଢ଼ାଇବା କ୍ଷେତ୍ରରେ ବିଶେଷ ସହାୟକ ହେବ।

ଏହା ଉଲ୍ଲେଖ ଯୋଗ୍ୟ ଯେ ଦେଶର ଅନ୍ୟତମ ଖ୍ୟାତନାମୀ ଫ୍ୟାସନ ଡ଼ିଜାଇନର ଶ୍ରୀମତୀ ରିତୁ କୁମାର ନିକଟରେ ଆଠଗଡ଼ ନୂଆ ପାଟଣାର ପ୍ରାଥମିକ ସମିତି କୁ ସିଧା ଅର୍ଡ଼ର ଦେଇ ଲୁଗା ବୁଣାକାମ ଆରମ୍ଭ କରିଛନ୍ତି। ଏହି ଅନୁଭୁତି ଉପରେ ନିର୍ଭର କରି ଅନ୍ୟ ପ୍ରାଥମିକ ସମିତି ମାନେ ଏହି ପରି ଯୋଗାଯୋଗକ୍ରମେ ଲୁଗା ଉତ୍ପାଦନ କରିବାକୁ ଆଗେଇ ଆସିବା ଉଚିତ୍।

ଇଂଟରନେଟ୍ ମାଧ୍ୟମରେ ହସ୍ତତନ୍ତ ବସ୍ତ୍ରର ବିକ୍ରୀ ନିମନ୍ତେ ଇ-କମର୍ସର ବ୍ୟବସ୍ଥା ଆରମ୍ଭ ହୋଇଛି। ଏହା କାର୍ଯ୍ୟକାରୀ କରାଇବା ନିମନ୍ତେ ହସ୍ତତନ୍ତ ଉନ୍ନୟନ କମିଶନର ଫ୍ଲିପ୍‌କାର୍ଟ ସଂସ୍ଥାସହ ବିଗତ ଅଗଷ୍ଟ ୨୦୧୪ରେ ଏକ ବୁଝାମଣା କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏହାର ଆକାର ସୀମିତ ରହିଛି ଯାହାକୁ ବୃଦ୍ଧି କରିବା ଆବଶ୍ୟକ। ପ୍ରାଥମିକ ବୁଣାକାର ସମିତି ଏହି ବ୍ୟବସ୍ଥା ମାଧ୍ୟମରେ ବଜାରରେ ସିଧାସଳଖ ଯୋଗାଯୋଗ କରି ପାରିବେ। ଫଳରେ ମଝିରେ ଥିବା ବ୍ୟବସାୟୀଙ୍କ ଦ୍ୱାରା ବାଟମାରଣା ହେଉଥିବା ଧନ ସଂପୃକ୍ତ ବୁଣାକାରମାନଙ୍କ ପାଖକୁ ଯିବ ଏବଂ ତାଙ୍କର ମଜୁରୀ ବଢ଼ାଇବାରେ ସହାୟକ ହେବ।

ହସ୍ତତନ୍ତର ଗୁଣାତ୍ମକ ମାନ ଉପରେ ରୁଚି ସଂପନ୍ନ ଗ୍ରାହକ ମାନଙ୍କର ଭରସା ବୃଦ୍ଧି କରିବା ଉଦ୍ଦେଶ୍ୟରେ 'ଇଣ୍ଡିଆ ହାଣ୍ଡଲୁମ୍' ନାମରେ ଏକ ନୂଆ ବ୍ରାଣ୍ଡ ପ୍ରଚଳନର



କାମ ଆରମ୍ଭ କରାଯାଇଅଛି। ଏହି ବ୍ରାଣ୍ଡ ଗ୍ରାହାକଙ୍କୁ ହସ୍ତତନ୍ତରେ ବୁଣା ଲୁଗାର ଗୁଣ, ଶୁଦ୍ଧତା, ଡିଜାଇନ୍ ତଥା ଉଚିତ୍ ମୂଲ୍ୟ ଆଦି ବିଷୟରେ ବିଶ୍ୱାସ ଏବଂ ଭରସା ଦେବାରେ ସାହାଯ୍ୟ କରିବ। ତଦୋପରି ମାନନୀୟ ପ୍ରଧାନମନ୍ତ୍ରୀଙ୍କ ତ୍ରୁଟିହୀନ ଉତ୍ପାଦନ ଏବଂ ପରିବେଶର ସୁରକ୍ଷା 'ଜିରୋ ଡିଫେକ୍ଟ ଏବଂ ଜିରୋ ଇଫେକ୍ଟ' ନୀତିକୁ ଆଗେଇନେବ। ଫଳତଃ ହାନିକାରକ ରଙ୍ଗ ବ୍ୟବହାର ବା ଶିଶୁ ଶ୍ରମିକ ନିୟୋଜନ ବନ୍ଦ କରିବାରେ ସହାୟକ ହେବ। ଏହି ପ୍ରକ୍ରିୟାର ଖସଡ଼ାକୁ ସର୍ବସାଧାରଣଙ୍କ ମତାମତ ପାଇଁ ଇଂଟରନେଟ୍ ମାଧ୍ୟମରେ mygov.in ୱେବ୍‌ସାଇଟ୍‌ରେ ରଖାଯାଇଥିଲା। ଏହି ବିଷୟରେ ହସ୍ତତନ୍ତରେ ରୁଚିଥିବାପାଠକ ତଥା ଗ୍ରାହ କମାନେ ଶତାଧିକ ସଂଖ୍ୟାରେ ମତାମତ ଦେଇଛନ୍ତି। ଏହି ମତାମତକୁ ବିଚାରକୁ ନେଇ 'ଇଣ୍ଡିଆ ହାଣ୍ଡଲୁମ୍' ଶୀର୍ଷକ ଏକ ନୂଆ ବ୍ରାଣ୍ଡ ଏବଂ ଚିହ୍ନ (ଲୋଗୋ) ଠିକ୍ କରାଯାଇ ଅଛି ଏବଂ ଏହାର କାର୍ଯ୍ୟପ୍ରଣାଳୀ କାର୍ଯ୍ୟ ଆରମ୍ଭ କରାଯାଇ ଅଛି। ଏହା ହସ୍ତତନ୍ତ ବସ୍ତ୍ରର ଶକ୍ତି ଉପରେ ଭିତି କରି ନୂଆ ବଜାର କରିବାରେ ବିଶେଷ ସହାୟକ ହେବ।

ଦେଶର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ମେକ୍ ଇନ୍ ଇଣ୍ଡିଆ ' ଅଭିଯାନରେ ହସ୍ତତନ୍ତ ଶିଳ୍ପକୁ ଯୋଗ କରି ନୂଆ ବଜାର ସୃଷ୍ଟି କରିବାରେ ମଧ ସହାୟକ ହେବ। ଦେଶ ଓ ଦେଶ ବାହାରେ ହସ୍ତତନ୍ତବସ୍ତ୍ରକୁ ବଜାର ଚାହିଦା ଅନୁଯାୟୀ ସୁଦୃଢ଼ କରିବା ଆବଶ୍ୟକ। ଏଥିନିମନ୍ତେ ଆବଶ୍ୟକୀୟ ପ୍ରଯୁକ୍ତି ଜ୍ଞାନ (ଟେକ୍ନୋଲୋଜି) ପ୍ରୟୋଗ କରି ବଜାର ଉପଯୋଗୀ ଡିଜାଇନ୍ ବସ୍ତ୍ର ପ୍ରସ୍ତୁତ କରିବା ନିମନ୍ତେ ଶିକ୍ଷିତ ଯୁବକ ଯୁବତୀମାନେ ଆଗେଇ ଆସିବା ଆବଶ୍ୟକ, ଯାହାକି ହସ୍ତତନ୍ତ ଉନ୍ନୟନ କ୍ଷେତ୍ରରେ ଏକ ନୂଆ ଦିଗ୍‌ଦର୍ଶନ ଦେବ। ହସ୍ତତନ୍ତ ଶିଳ୍ପର ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାରଙ୍କ ସକ୍ରୀୟ ଭାଗିଦାରୀ ଅପରିହାର୍ଯ୍ୟ। ଏହି କ୍ରମରେ ଭିନ୍ନ ଭିନ୍ନ ସମୟରେ ବୈଠକ ତଥା ପତ୍ରାଳାପ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ପ୍ରତ୍ୟେକ ବୁଣାକାର ବହୁଳ ଅଂଚଳ ପାଇଁ ଉତ୍ପାଦନ ଯୋଜନା ଖସଡ଼ା ତିଆରି କରିବା ପାଇଁ ଅନୁରୋଧ କରାଯାଇଛି। ଏହି ଖସଡ଼ା (ପ୍ଲାନ୍) ଅନୁଯାୟୀ ସଂପୃକ୍ତ ବୁଣାକାରମାନଙ୍କୁ କଂଚାମାଲ,

ବୈଷୟିକ ଜ୍ଞାନ କୌଶଳ ଆଦି ଦେବା ପାଇଁ ବ୍ୟବସ୍ଥା କରିବା ଏବଂ ବୁଣାଲୁଗାକୁ ବିକ୍ରୀର ସୁବିଧା କରିବା ଲାଗି ବିଶେଷ ଭାବେ ଅନୁରୋଧ କରାଯାଇଅଛି । ସେହିପରି ହସ୍ତତନ୍ତ ଡିଜାଇନର ତଥା ବିକ୍ରେତାଙ୍କୁ ହସ୍ତତନ୍ତ ଲୁଗା ଉତ୍ପାଦନ ଓ ବିକ୍ରୀ ପାଇଁ ଉଦ୍ୟମ କରିବାକୁ ମଧ୍ୟ ଅନୁରୋଧ କରାଯାଇଅଛି ।

ହସ୍ତତନ୍ତ ବୁଣାଲୁଗା ଆମ <u>ଦେଶର ସଂସ୍କୃତି ଓ ପରମ୍ପରାର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ ।</u> ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ହସ୍ତତନ୍ତ ଶିଳ୍ପର ଉନ୍ନତି ନିମନ୍ତେ ସହାୟତା ଦିଆଯାଉଅଛି । <u>ବୁଣାକାର ଭାଇ ଓ ଭଉଣୀମାନେ ନିଜର ଅନନ୍ୟ କର୍ମ ଦକ୍ଷତା ଓ ବୁଣାଲୁଗାର ବିଶେଷତା ଯୋଗୁ ଗର୍ବିତ ହେବା ସହ ବିଭିନ୍ନ ସରକାରୀ ଯୋଜାନାର ଲାଭ ନେବା ପାଇଁ ଆଗେଇ ଆସିବା ଉଚିତ ।</u> ଆଶା ଉପର ଲିଖିତ ପଦକ୍ଷେପଗୁଡ଼ିକ ବୁଣାକାର ଭାଇଭଉଣୀମାନଙ୍କର ଆୟ ବଢ଼ାଇ ଏକ ଆନନ୍ଦମୟ ତଥା ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଅତିବାହିତ କରିବାରେ ସହାୟକ ହେବ । ଅଧିକନ୍ତୁ ଏହା ହସ୍ତତନ୍ତ ଶିଳ୍ପକୁ ବିଶ୍ୱ ବସ୍ତ୍ରବଜାରରେ ତା'ର ଅନନ୍ୟ ସ୍ଥିତି ବଜାୟ ରଖିବାରେ ସାହାଯ୍ୟ କରିବ ।